# Akashvani, Sambalpur

## SAMBALPURI NEWS EVENING BULLETIN

## 19 June 2026-7.02- 7.12 pm.

---

୧- ପ୍ରଧାନ୍‌ମନ୍ତ୍ରୀ ବିକଶିତ ଭାରତ୍ ରୋଜ୍‌ଗାର୍ ଯୋଜ୍‌ନା - ପିଏମ୍ ଭି.ବି.ଆର୍.ଓ୍ୱାଇ ନୂଆଁ ଭାରତ୍‌ର ପରିଚୟ ଆଏ- କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ନୂଆଦିଲ୍ଲୀ ଠାନେ ଯୋଜ୍‌ନା ଅଧୀନ୍‌ଥି ଦେଲେ ୨ ହଜାର୍ ୪ ଶହ କୋଟି ପ୍ରୋତ୍ସାହନ୍ ଟଙ୍କା ।

୨- ଓଡ଼ିଶା ଗସ୍ତଥି ଆସିକରି ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ପୁହୁଁଚିଲେ ରାଷ୍ଟ୍ରପତି ।

୩- ସମ୍ବଲପୁରର୍ ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରାଥି ଆଏଜ୍ ଅଧ୍‌ରାତିନୁ ମୁଲ୍ ହେବା ଦେବଦମ୍ପତିଙ୍କର୍ ନଗର୍ ପରିକ୍ରମା ।

ଆଉର୍

୪- ରାଜ୍ୟର୍ ଭିନ୍ ଭିନ୍ କଲେଜ୍ ନ ସ୍ନାତକ ପାଠ୍ୟକ୍ରମଥି ନାଁଲେଖା ଲାଗି ବଢ଼୍‌ଲା ସିଟ୍ ସଂଖ୍ୟା ।

ପିଏମ୍ ଭି.ବି.ଆର୍.ୱାଇ        ଆର୍ଏନ୍ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ବିକାଶିତ ଭାରତ୍ ରୋଜ୍‌ଗାର୍ ଯୋଜ୍‌ନା - ପିଏମ୍ ଭି.ବି.ଆର୍.ୱାଇ ନୂଆଁ ଭାରତ୍‌ର ପରିଚୟ ଆଏ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ନୂଆଦିଲ୍ଲୀ ବିଜ୍ଞାନ୍ ଭବନ୍ ନ ହେଇଥିବା ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି ପାଖାପାଖି ୨ ହଜାର୍ ୪ ଶହ କୋଟିର୍ ପ୍ରୋତ୍ସାହନ୍ ଟଙ୍କା ଦେଇକରି ଶ୍ରୀ ମୋଦୀ କହିଛନ୍, ଯୋଜ୍‌ନା ଅଧୀନ୍‌ଥି ପାଖାପାଖି ୧୭ ଲାଖ୍ ରୋଜ୍‌ଗାର୍ ତିଆର୍ ହେଇଛେ । ସାରା ଦେଶେ ଏବ୍‌ତକ୍ ୨୦ ଲାଖ୍ ଯୁବଗୋଷ୍ଠୀ ନିଜର୍ ପହେଲା ଚାକିରୀର୍ ୬ ମାସ୍ ପୁରା କରିଛନ୍ । ଇ ଟଙ୍କା ସେମାନ୍‌କର୍ ଉଜଲ୍ ଭବିଷ୍ୟତ୍‌କେ ଫଟିକ୍ କରୁଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଗଲା ୧୨ ବଛର୍ ଭିତ୍‌ରେ ସର୍‌କାର୍ ରୋଜ୍‌ଗାର୍‌ର ସବୁ ରାହାକେ ମଜ୍‌ବୁତ୍ କରିଛନ୍ । ଭିତିଭୂମିନୁ ନବସୃଜନ୍, ବିନିର୍ମାଣ୍‌ନୁ ଡିଜିଟାଲ୍ ଅର୍ଥନୀତି ଆଉ ମହାକାଶ୍‌ନୁ ଷ୍ଟାର୍ଟଅପ୍‌ତକ୍ ସବୁ କ୍ଷେତ୍ର୍‌ଥି ଭର୍‌ପୁର୍ ସୁଯୋଗ୍ ତିଆର୍ କରାଯାଇଛେ । ଭୋକାଲ୍ ଫର୍ ଲୋକାଲ୍ ଆଉ ଲୋକାଲ୍‌ନୁ ଗ୍ଲୋବାଲ୍ ନେଇଯିବାର୍ ଅଭିଯାନ୍ ଦେଶେ ରୋଜ୍‌ଗାର୍ ଆଉ

ସ୍ୱରୋଜ୍‌ଗାର୍‌ର ସୁଯୋଗ୍ ଆନିଦେଇଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଇ ଯୋଜ୍‌ନା ଅଧୀନ୍‌ଥି କେନ୍ଦ୍ର ସର୍‌କାର୍ ୨ ବଛର୍ ଭିତ୍‌ରେ ସାଢ଼େ ୩ କୋଟିନୁ ଅଏତ୍‌କା ନିଯୁକ୍ତି ତିଆର୍ ଲକ୍ଷ୍ୟ ରଖିଛନ୍ ।

ରାଷ୍ଟ୍ରପତି, ପ୍ରଧାନ୍‌ମନ୍ତ୍ରୀ-ଓଡ଼ିଶା ଆର୍‌ଏନ୍‌ୟୁ/କଟକ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ଦୁଇଦିନିଆ ଓଡ଼ିଶା ଗସ୍ତଥି ଆସିକରି ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରଠାନେ ପହଂଚିଛନ୍ । ରାଷ୍ଟ୍ରପତି ଇହାଦେ ରାଇରଙ୍ଗପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର୍ ସୁବିଧା ବାବ୍‌ଦେ ପଚ୍‌ରେଇ ବୁଝୁଛନ୍ । ଆଉ କିଛି ସମିଆ ଉତ୍‌ରୁ ରାଷ୍ଟ୍ରପତି ଭିନ୍ ଭିନ୍ ବିକାଶମୂଳକ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଶିଳାନ୍ୟାସ୍ କର୍‌ବେ । ରାଷ୍ଟ୍ରପତି କୁସୁମି ବ୍ଲକର ଶହେ ୧୩ଟା ଖଣି ପ୍ରଭାବିତ ଗାଁ ନ ଗୁଟେ ବୃହତ ଗ୍ରାମୀଣ ପାଇପ ଜଲ୍ ଯୋଗାଣ ପ୍ରକଳ୍ପର ଉଦ୍‌ଘାଟନ୍ କର୍‌ବେ । ଇତାର୍‌ଛଡ଼ା ହାଟବଦ୍ରାଠାନେ ବ୍ରହ୍ମକୁମାରୀ

ସଂସ୍ଥା ତରଫୁ ମାତୃଶକ୍ତି ଭବନ, ଗୁଟେ ଖାସ୍ ସର୍କିଟ ହାଉସ ଆଉ ରାଇରଙ୍ଗପୁର ଠାନେ ନୂଆଁ ତିଆର୍ ହେଇଥିବା ପୁଲିସ ଜିଲ୍ଲାର ଲୋକାର୍ପଣ କର୍‌ବେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ଓଡ଼ିଶା ଗସ୍ତଥି ଆସିକରି ପୁହୁଁଚିବାର୍ ଉତ୍‌ରୁ ପାହାଡ଼ପୁରଠାନେ ରାଷ୍ଟ୍ରପତିଙ୍କର୍ ସହେତେ ଗୁଟେ ସାଧାରଣ ସଭାଥି ଯୋଗ୍‌ଦେଇକରି ରାଜ୍ୟର ବିକାଶ ଲାଗି ଭିନ୍ ଭିନ୍ ଉନ୍ନୟନମୂଳକ ପ୍ରକଳ୍ପର୍ ଉଦ୍‌ଘାଟନ ଆଉ ଶିଲାନ୍ୟାସ୍ କର୍‌ବେ । ରାଷ୍ଟ୍ରପତି ଆଉ ପ୍ରଧାନମନ୍ତ୍ରୀ ରାଜ୍ୟ ସରକାରଙ୍କର୍ ୨ ବଛର୍ ପୂର୍ତି ଅବ୍‌ସାରେ ମୟୂରଭଞ୍ଜ ଜିଲ୍ଲାର୍ ରାଇରଙ୍ଗପୁରଠାନେ ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ ।

ଇ ଅବ୍‌ସରେ ୪୭ ହଜାର ୬୦୦ କୋଟିନୁ ଅଏତ୍‌କା ଟଙ୍କା ଖଚାଥି ଭିନ୍ ଭିନ୍ ବିକାଶମୂଳକ ପ୍ରକଳ୍ପର୍ ଉଦ୍‌ଘାଟନ ଆଉ ଶିଲାନ୍ୟାସ୍ କରାଯିବା । ପ୍ରଧାନମନ୍ତ୍ରୀ ସେଠାନେ ଗୁଟେ ଜନସମାବେଶକେ ଭିଲ୍ ସମ୍ବୋଧିତ କର୍‌ବେ । ଇତାର୍‌ସହେତେ ଭୁବନେଶ୍ୱର ନ ୩୦୦ ଟିପିଡି କ୍ଷମତାର୍ କଠିନ ବର୍ଜ୍ୟବସ୍ତୁ ଆଧାରିତ ବାୟୋଗ୍ୟାସ୍ ପ୍ଲାଂଟ୍ କଟକ ଆର୍

ଭୁବନେଶ୍ୱରକେ ଜୁଡୁଥିବା କାଠଯୋଡ଼ି ନଦୀବନ୍ଧା, ବୌଦ୍ଧ ଜିଲ୍ଲାର ଢାଲପୁର ହରଭଙ୍ଗା ସଡ଼କର ପ୍ରଶସ୍ତୀକରଣ ଆଉ ସୁଦୃଢ଼ୀକରଣ ବାଗିର୍ ଭିନ୍ ଭିନ୍ ପ୍ରକଳ୍ପର ଶିଳାନ୍ୟାସ କରାଯିବ । ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ୩୦୦ ଶଯ୍ୟାବିଶିଷ୍ଟ ନୂଆଁ ଭବନ, ରାଜ୍ୟର ଭିନ୍ ଭିନ୍ ଜିଲ୍ଲା ନ ୨୪ଟା ଅଟଲ ବସ୍ଷ୍ଟାଣ୍ଡ୍, ୯ଟା ସ୍ୱୟଂଚାଲିତ ପରୀକ୍ଷଣ୍ କେନ୍ଦ୍ରର୍ ଉଦ୍ଘାଟନ କରାଯିବାର୍ କାର୍ଯ୍ୟକ୍ରମ୍ ରହିଛେ ।

ପି.ଏମ୍ କିଷାନ୍ ଯୋଜ୍ନା        ଏନ୍ଏସ୍ଡି

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବାକାଏଲ୍ ପି.ଏମ୍ କିଷାନ୍ ଯୋଜ୍ନାର୍ ୨୩ ନମ୍ବର୍ କିସ୍ତି ବାଂଟ୍ବେ । ପଶ୍ଚିମବଙ୍ଗ୍ ହୁଗୁଲି ଜିଲ୍ଲା ନ ହେବାର୍କେ ଥିବା ଗୁଟେ କାର୍ଯ୍ୟକ୍ରମ୍ଥି ପ୍ରଧାନ୍ମନ୍ତ୍ରୀ ୯ କୋଟି ୪୪ ଲାଖ୍ ନୁ ଅଏତ୍କା ଚାଷୀଙ୍କର୍ ବେଙ୍କ୍ ଏକାଉଂଟ୍କେ ୧୮ ହଜାର୍ ୮ ଶହ ୮୦ କୋଟି ଟଙ୍କା ସିଧାସଖଲ୍ ଦେବେ । ୨୦୧୯ ମସିହାନୁ ଇ ଯୋଜ୍ନାଥି ଏବ୍ତକ୍ ଚାଷୀମାନ୍କର୍ ଖାତାକେ ପାଖାପାଖି ସାଢ଼େ ୪ ଲାଖ୍ କୋଟି ଟଙ୍କାନୁ ଅଏତ୍କା ଟଙ୍କା ଦିଆଗଲାନ ।

ଏସ୍‌ଆଇଆର୍ ଆଇ.ଆଣ୍ଡ.ପି.ଆର୍

ଓଡ଼ିଶା ନ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ୍-୨୦୨୬ ମୋଡ଼େଲ୍‌କେ ମହାରାଷ୍ଟ୍ର ମୁଖ୍ୟ ନିର୍ବାଚନ୍ ଅଧିକାରୀ ଏସ୍. ଚୋକଲିଙ୍ଗମ ପ୍ରଶଂସା କରିଛନ୍ । ଆଏଜ୍ ସେ ଓଡ଼ିଶା ମୁଖ୍ୟ ନିର୍ବାଚନ୍ ଅଧିକାରୀ ଆର୍.ଏସ୍. ଗୋପାଲନ୍‌ଙ୍କର୍ କାର୍ଯ୍ୟାଳୟ ବୁଲିକରି ରାଜ୍ୟର୍ ଅଭିନବ ପ୍ରଣାଳୀ ପରିଗଣନା ଫର୍ମ ବାଂଟ୍‌ବାର୍, ଡିଜିଟାଇଜେସନ୍ ଆଉ ମନିଟରିଂ ବ୍ୟବସ୍ଥା ବାବ୍‌ଦେ ଆଲୋଚନା କରିଥିଲେ । ସେଆଡ଼େ ଭାରତୀୟ ନିର୍ବାଚନ୍ କମିଶନ୍‌ଙ୍କର୍ ପ୍ରମୁଖ ସଚିବ ଏସ୍.ବି. ଯୋଷୀଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ମହାନଗର୍ ନିଗମ୍ ଇଲାକା ନ ଚାଲିଥିବା ସଂଶୋଧନ୍ କାମ୍‌ର ସମୀକ୍ଷା ବୈଠକ୍ ହେଇଯାଇଛେ । ଗୁଟେ ସଠିକ୍ ଆଉ ସମାବେଶୀ ଭୋଟର୍ ତାଲିକା ତିଆର୍ ଲାଗି ସେ ସବୁ ଅଧିକାରୀମାନ୍‌କୁ ଧାରିଜ୍ ସମିଆ ଭିତ୍‌ରେ କାମ୍ ଶେଷ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ରାଏଜେ ଏବ୍‌ତକ୍ ୯୯ ଦଶ୍‌ମିକ୍ ୪/୪ ପ୍ରତିଶତ୍ ଭୋଟର୍‌ଙ୍କୁ ପରିଗଣନା ଫର୍ମ ବଂଟାଯାଇଥିବାର୍ ବେଲେ ୬୬

ଦଶ୍‌ମିକ୍ ଶୂନ୍‌/୫ ପ୍ରତିଶତ୍ ଭୋଟର୍‌ଙ୍କର୍ ତଥ୍ୟ ଡିଜିଟାଇଜେସନ୍ ହେଇସାରିଛେ ।

ଶୀତଲ୍‌ଷଷ୍ଠୀ ଆର୍‌ଏନ୍‌ୟୁ/ ସମ୍ବଲପୁର/ବୌଦ୍ଧ/ସୁବର୍ଣ୍ଣପୁର

ସମ୍ବଲ୍‌ପୁର୍‌ର ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରାର୍ ମୁଖ୍ୟ ଆକର୍ଷଣ୍ ଦେବଦମ୍ପତିଙ୍କର୍ ନଗର୍ ପରିକ୍ରମା ଯାତ୍ରା ଆଏଜ୍ ଅଧ୍‌ରାତିନୁ ମୁଲ୍ ହେବା । ନନ୍ଦପଡ଼ାର୍ ବମ୍‌ବରାଢ଼ ବାଲୁଙ୍କେଶ୍ୱର୍ ବାବା, ଝାଡୁଆପଡ଼ାର୍ ଲୋକନାଥ ବାବା, ମୁଦିପଡ଼ାର୍ ଜାଗେଶ୍ୱର୍ ବାବା, ବଡ଼ବଜାରର୍ ଶୀତଲେଶ୍ୱର୍ ବାବା, ଠାକୁରପଡ଼ାର୍ ଗୁପ୍ତେଶ୍ୱର୍ ବାବା, ବୁଢ଼ାରଜାର ପାହାଡ଼େଶ୍ୱର ବାବା ସହେତେ ସହରର୍ ଭିନ୍ ଭିନ୍ ଶିବମନ୍ଦିର୍ ନୁ ମାହାପୁରୁ ଜଗତ୍‌ଜନନୀ ମାତା ପାର୍ବତୀଙ୍କର୍ ସାଙ୍ଗେ ସୁସଜ୍ଜିତ ରଥ୍‌ମାନ୍‌କେ ନଗର ପରିକ୍ରମାଥି ବାହାର୍‌ବେ । ଇ ନଗର୍ ପରିକ୍ରମା ଯାତ୍ରାଥି ପାରମ୍ପରିକ୍ ଦୁଲ୍‌ଦୁଲି ଘଂଟ ସମ୍ପର୍ଦା ବାଦ୍ୟ ସାଙ୍ଗେ ରାଜ୍ୟ ଆର୍ ରାଜ୍ୟ ବାହାରୁ ଆସିଥିବା ନାଚ୍ ଗୀତର୍ ଲୋକ୍‌କଲାକାର୍‌ମାନେ ସାମିଲ୍ ହେବେ । ଇ ବାବ୍‌ଦେ ଆମର୍ ସମ୍ବାଦଦାତାଙ୍କର୍ ଗୁଟେ ରିପୋର୍ଟ....

(ଭଏସ୍ ଓଭର୍- ଗୁଣମଣି ବିଶ୍ୱାଲ୍)

ଆଏବା କାଏଲ୍ ଉପର୍‌ବେଲା ଦେବଦମ୍ପତିଙ୍କର୍ ମନ୍ଦିର୍ ପ୍ରବେଶ୍ ହେବାର୍‌ତକ୍ ଯାତ୍ରା ଚାଲ୍‌ବା । ମହାଆଲ୍‌ତୀ ଉତ୍‌ରୁ ଦେବଦମ୍ପତି ମନ୍ଦିର୍ ପ୍ରବେଶ୍ କର୍‌ବେ । ଗଲା ରାତି ମହାଦେବଙ୍କର୍ ବରାତି ନୁ ସମ୍ବଲପୁର୍ ସହର୍ ଗଜ୍‌ଗଜଉଛେ ।

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଶୀତଲ୍‌ଷଷ୍ଠୀ ଅବ୍‌ସରେ ଶୁଭେଚ୍ଛା ଜନେଇକରି କହିଛନ୍, ମହାଦେବଙ୍କର୍ କୃପାନୁ ସମ୍‌କର୍ ଜୀବନ୍ ସୁଖ୍‌ଶାନ୍ତି ଆଉ ସମୃଦ୍ଧିଥି ଭରିଯାଉ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ଅବ୍‌ସରେ କହିଛନ୍, ଶୀତଲ୍‌ଷଷ୍ଠୀ ଉତ୍ସବ୍ ଆମର୍ ଆଧାତ୍ମିକ ଚେତନା ଆଉ ସାଂସ୍କୃତିକ୍ ଗୌରବ୍‌ର ପ୍ରତିଫଳନ୍ ଆଏ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଉ ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ଶୀତଲ୍‌ଷଷ୍ଠୀର୍ ଶୁଭେଚ୍ଛା ଜନେଇକରି ରାଜ୍ୟବାସୀଙ୍କର୍ ସୁଖ୍‌ଶାନ୍ତି କାମ୍‌ନା କରିଛନ୍ ।

ବୌଦ୍ଧ ସହର୍ ସହେତେ ଜିଲ୍ଲାର୍ ଭିନ୍ ଭିନ୍ ଇଲାକା ନ ଶୀତଲ୍‌ଷଷ୍ଠୀ ଅବ୍‌ସରେ ଶିବ ପାର୍ବତୀଙ୍କର୍ ବିହାଘର୍ ସରିଛେ । ଆଏଜ୍ ଦିନ୍‌ସାରା ଦେବଦମ୍ପତି ବିହା ବେଦୀଥି ଭକ୍ତମାନ୍‌କୁ ଦର୍ଶନ୍

ଦେଇଛନ୍ । ଘଂଟ, ଶଙ୍ଖ, ଦୁଲ୍‌ଦୁଲିଥି ଆଏଜ୍ ରାତି ଦେବଦମ୍ପତି ନଗର୍ ପରିକ୍ରମାଥି ବାହାର୍‌ବେ ।

ସୁବର୍ଣ୍ଣପୁର୍ ଜିଲ୍ଲା ନ ଶୀତଲ୍‌ଷଷ୍ଠୀ ମହୋତ୍ସବ୍‌ର ଦେବଦମ୍ପତିଙ୍କର୍ ବିହାଘର୍ କନ୍ୟାପିତାଙ୍କର୍ ଘରେ ଲୌକିନ୍ ରୀତିନୀତିଥି ହେଇଯାଇଛେ । ସୁବର୍ଣ୍ଣପୁର୍‌ର ବାବା ସୁବର୍ଣ୍ଣମେରୁଙ୍କର୍ ସହେତେ ବୈଦ୍ୟନାଥର କୋଶଳେଶ୍ୱର୍, ଚର୍‌ଦାର୍ ବାବା କପିଳେଶ୍ୱର୍, ବୀର୍‌ମହାରାଜ୍‌ପୁର୍‌ର ବାବା ଚମ୍ପେଶ୍ୱର୍ ଆଉ ଗୋଧନେଶ୍ୱର୍‌ଙ୍କର୍ ପୀଠମାନ୍‌କେ ଭିଲ୍ ଶିବ ପାର୍ବତୀଙ୍କର୍ ବିହାଘର୍ ନିର୍ଦ୍ଧାରିତ୍ ଲଗନ୍‌ଥି ହେଇଯାଇଛେ । ଇ ଅବ୍‌ସରେ ହଜାର୍ ହଜାର୍ ଶ୍ରଦ୍ଧାଳୁଙ୍କର୍ ସମାଗମ୍ ହେଇଛେ ।

ସ୍ନାତକରେ ସିଟ୍ ସଂଖ୍ୟା ବୃଦ୍ଧି      ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଭିନ୍ ଭିନ୍ କଲେଜ୍ ନ ସ୍ନାତକ ପାଠ୍ୟକ୍ରମ୍‌ଥି ନାଁଲେଖା ଲାଗି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ସିଟ୍ ସଂଖ୍ୟା ବଢ଼ାଯାଇଛେ । ଚଲ୍‌ତି ଶିକ୍ଷା ବଛ୍‌ରେ ମୋଟ୍ ୧୦ ହଜାର୍ ୩ ଶହ ୭୨ ଟା ସିଟ୍ ବଢ଼ାବାର୍ ଲାଗି ବିଭାଗ୍ ତର୍‌ଫୁ ନିଷ୍ପତି ନିଆଯାଇଛେ । ଭିନ୍ ଭିନ୍ ଶିକ୍ଷାନୁଷ୍ଠାନ୍ ନ କେତେଟା ବିଷେଥି ନାଁଲେଖା ଲାଗି

ଛାତ୍ରଛାତ୍ରୀମାନ୍‌କର୍ ଚାହିଦାକେ ନଜର୍‌ଥି ରଖିକରି ଇ ବିଜ୍ଞପ୍ତି ବାହାରିଛେ । ବଢ଼ିଥିବା ସିଟ୍ ସଂଖ୍ୟା ସାମ୍ସ ପୋର୍ଟାଲ୍ ନ ଅପ୍‌ଟେଡ୍ କରାଯାଇଛେ । ରାଜ୍ୟର୍ ସର୍‌କାରୀ ବିଶ୍ୱବିଦ୍ୟାଲୟମାନ୍‌କେ ୧ ହଜାର୍ ୨ ଶହ ୧୬ ଟା ସିଟ୍ ଆଉ ସର୍‌କାରୀ କଲେଜ୍ ନ ୪ ହଜାର୍ ୬ ଶହ ୮୪ ଟା ସିଟ୍‌କେ ବଢ଼ିଛେ । ସେନ୍ତା ୪ ଶହ ୮୮ ବର୍ଗ ଅନୁଦାନ୍ ପ୍ରାପ୍ତ କଲେଜ୍ ନ ୩ ହଜାର୍ ୪ ଶହ ୧୬ ଟା ସିଟ୍, ୬ ଶହ ୬୨ ବର୍ଗ ଅନୁଦାନ୍ ପ୍ରାପ୍ତ କଲେଜ୍‌ଥି ୧ ହଜାର୍ ୫୬ ଟା ସିଟ୍ ବଢ଼ିଥିବା ସୂଚ୍‌ନା ମିଲିଛେ ।

ନିଟ୍-ଅଫିସିଆଲ୍ ୱ୍ୱାଟ୍‌ସ୍‌ଆପ୍ ଚେନାଲ ଏକ୍ସ

ଆଏବା ରଏବାର୍ ଦିନ ହେବାର୍‌କେ ଥିବା ନିଟ୍ ୟୁଜି ପ୍ରବେଶିକା ପରୀକ୍ଷା ଲାଗି ଜାତୀୟ ପରୀକ୍ଷଣ୍ ସଂସ୍ଥାନ୍ - ଏନ୍‌ଟିଏ ତର୍‌ଫୁ ଗୁଟେ ଅଫିସିଆଲ୍ ୱ୍ୱାଟ୍‌ସ୍‌ଆପ୍ ଚେନାଲ୍ ମୁଲ୍ କରାଯାଇଛେ । ପରୀକ୍ଷା ବାବଦ୍ ସବୁ ସୂଚ୍‌ନା ଆଉ ଅପ୍‌ଡେଟ୍ ଖାଲି ସଂସ୍ଥାନ୍‌ର ପଞ୍ଜିକୃତ୍ ନମ୍ବର୍ ଇ ଚେନାଲ୍‌ନୁ ପଠାଯିବା ବଲି ଏନ୍‌ଟିଏ ସ୍ୱଷ୍ଟ୍ କରିଛେ । ପରୀକ୍ଷାର୍ଥୀମାନ୍‌କୁ ଅଲ୍‌ଗା କେନ୍‌ସି

ନମ୍ବର୍‌ନୁ ଆସୁଥିବା ବାର୍ତା ଉପ୍‌ରେ ବିଶ୍ୱାସ୍ ନାଇଁ କର୍‌ବାର୍‌କେ ପରାମର୍ଶ ଦିଆଯାଇଛେ ।

ପରିବହନ୍ ମନ୍ତ୍ରୀ -ବୌଦ୍ଧ ବୌଦ୍ଧ ସମ୍ବାଦଦାତା

ବାଣିଜ୍ୟ ଆଉ ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା ଆଏଜ୍ ବୌଦ୍ଧ ଜିଲ୍ଲା ଗସ୍ତଥି ଆସିକରି ଜିଲ୍ଲାର୍ ଭିନ୍ ଭିନ୍ ଇଲାକା ପରିଦର୍ଶନ୍ କରିଛନ୍ । ଇତାର୍‌ସହେତେ ପ୍ରକଳ୍ପ ମାନ୍‌କର୍ ଉନ୍ନୟନ୍ କାମ୍‌ର ଭିଲ୍ ମନ୍ତ୍ରୀ ଶ୍ରୀ ଜେନା ତଦାରଖ୍ କରିଛନ୍ । ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟର୍ ସଦ୍‌ଭାବନା ସଭାଗୃହ ନ ଗୁଟେ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ୍‌ଥି ଯୋଗ୍‌ଦେଇକରି ସେ ଭିନ୍ ଭିନ୍ ଉନ୍ନୟନ୍‌ମୂଲକ୍ କାମ୍‌ର ସମୀକ୍ଷା କରିଛନ୍ ।

ବୈଠକ୍ ଦେବ୍‌ଗଡ୍ ସମ୍ବାଦଦାତା

ଦେବଗଡ୍ ଜିଲ୍ଲାପାଲ୍‌ଙ୍କର୍ ବିକାଶ୍ ଭବନ୍ ସମ୍ମିଲନୀ କକ୍ଷ ନ ମୌସୁମୀ ବେଲ୍‌କେ ସମ୍ଭାବ୍ୟ ବନ୍ୟା ଆଉ ବାତ୍ୟା ପରିସ୍ଥିତିର୍ ମୁକାବିଲା ଲାଗି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ ।

ଜିଲ୍ଲାପାଳ୍ କବୀନ୍ଦ୍ର କୁମାର୍ ସାହୁ ବୈଠକ୍‌ଥି ଯୋଗ୍ ଦେଇକରି ଭିନ୍ ଭିନ୍ ବିଭାଗ୍‌ର ପ୍ରସ୍ତୁତି ବାବ୍‌ଦେ ଆଲୋଚନା କରିଥିଲେ ।

ବିକାଶ୍‌ଧାରା ଓଡ଼ିଶାସାରା କାର୍ଯ୍ୟକ୍ରମ୍    ବର୍‌ଗଡ଼୍ ସମ୍ବାଦଦାତା

ରାଜ୍ୟ ସର୍‌କାର୍‌ଙ୍କର୍ ୨ ବଛର୍ ପୂର୍ତି ଅବ୍‌ସରେ ବର୍‌ଗଡ଼୍ ଜିଲ୍ଲା ରାଜ୍‌ବୋଡ଼ାସମ୍ବର୍ ବ୍ଲକ୍ କାର୍ଯ୍ୟାଳୟ ନ ବ୍ଲକ୍‌ସ୍ତରୀୟ ବିକାଶ୍‌ଧାରା ଓଡ଼ିଶାସାରା କାର୍ଯ୍ୟକ୍ରମ୍ ମୁଲ୍ ହେଇଛେ । ଅନୁସୂଚିତ ଜାତି ଆଉ ଜନଜାତି ବିକାଶ୍ ବିଭାଗ୍ ତର୍‌ଫୁ ହେଇଥିବା କାର୍ଯ୍ୟକ୍ରମ୍‌ଥି ସ୍ୱତନ୍ତ୍ର ଉନ୍ନୟନ୍ ପରିଷଦ୍ ଅଧ୍ୟକ୍ଷ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ପଦମ୍‌ପୁର୍ ଅତିରିକ୍ତ ଜିଲ୍ଲା କଲ୍ୟାଣ୍ ଅଧିକାରୀ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ଯୋଜ୍‌ନା ବାବ୍‌ଦେ ଲୁକ୍‌କୁ ଅବଗତ୍ କରେଇଥିଲେ ।